# ସତ୍ୟବାଣୀ

# VOICE OF TRUTH

**VOL - XXIX KAKINADA JUL-AUG-2023**

## ''ଯିରୁଶାଲମକୁ ଯିବା ପାଇଁ ତୁମ୍ଭମାନଙ୍କୁ ବହୁତ କଷ୍ଟ ପଡୁଅଛି''

### (It is hard for you to go to Jerusalem)

ମହାରାଜା ଦାଉଦଙ୍କ ପୁତ୍ର, ଜ୍ଞାନୀ ଶଲୋମନଙ୍କ ମୃତ୍ୟୁ ପରେ, ତାହାଙ୍କ ପୁତ୍ର, ତାହାଙ୍କ ପଦରେ ରିୟବିୟାମ ନିଯୁକ୍ତ ହେଲେ, ଇଶ୍ରାଏଲର ସମସ୍ତ ସମାଜ ତାହାଙ୍କ ନିକଟକୁ ଏକତ୍ରିତ ହୋଇ ସେମାନଙ୍କ ଯୁଆଳିର ଭାର ହାଲୁକା କରିବା ନିମନ୍ତେ ନିବେଦନ କଲେ । ସେଥିରେ ରିହବିୟାମ ଆପଣା ପିତାଙ୍କ ପ୍ରାଚୀନମାନଙ୍କୁ ଜଣାଇବାରୁ, ସେମାନେ ତାହାଙ୍କୁ ପରାମର୍ଶ ଦେଇ କହିଲେ,''...ଯେବେ ଆଜି ଏହି ଲୋକମାନଙ୍କର ସେବକ ହେବ ଓ ସେମାନଙ୍କୁ ଉତ୍ତମ ବାକ୍ୟ କହିବ, ତେବେ ସେମାନେ ସର୍ବଦା ତୁମ୍ଭର ଦାସ ହୋଇ ରହିବେ । ...ତହିଁରେ ତାଙ୍କ ସଙ୍ଗେ ବଢ଼ିଥିବା ଯୁବାମାନେ ତାଙ୍କୁ କହିଲେ,...ସେମାନଙ୍କୁ ତୁମ୍ଭେ ଏପରି କହିବ, ମୋର କନିଷ୍ଠ ଅଙ୍ଗୁଳି କରତାରେ ତୁମ୍ଭମାନଙ୍କୁ ଶାସ୍ତୀ ଦେଲେ ମାତ୍ର ମୁଁ ଇଚ୍ଛାରେ ତୁମ୍ଭମାନଙ୍କୁ ଶାସ୍ତି ଦେବି ।'' (୧ମ ରାଜାବଳୀ ୧୨:୬-୧୧)

ରିହବିୟାମଙ୍କ ଏହି କୋଠର ନିଷ୍ପତ୍ତି ଯୋଗୁଁ ଇଶ୍ରାଏଲ ରାଜ୍ୟ ଓ ଦକ୍ଷିଣ ରାଜ୍ୟ ଯିହୂଦା ରାଜ୍ୟରେ ବିଭକ୍ତ ହେଲା । ଇଶ୍ରାଏଲ ରାଜ୍ୟରେ ଯାର ବିୟମ ରାଜତ୍ୱକଲେ ଓ ଯିହୂଦା ରାଜ୍ୟ ଦାଉଦ ବଂଶଜ ରାଜାମାନେ ରାଜତ୍ୱ କଲେ ।

''ତହୁଁ ଯାରବିୟାମ ଆପଣା ମନେ ମନେ କହିଲେ, ଏବେ ରାଜ୍ୟ ପୁନର୍ବାର ଦାଉଦ ବଂଶର ଅଧିନ ହେବ । ଯେବେ ଏହି ଲୋକମାନେ ଯିରୁଶାଲମରେ ସଦାପ୍ରଭୁଙ୍କ



ଗୃହରେ ବଳିଦାନ କରିବାକୁ ଯିବେ, ତେବେ ଏହି ଲୋକମାନଙ୍କର ଅନ୍ତଃକରଣ ଆପଣାମାନଙ୍କ ପ୍ରଭୁ ଯିହୂଦାର ରାଜା ରିହବିୟାମ ପ୍ରତି ଫେରିବ; ତହିଁରେ ସେମାନେ ମୋତେ ବଧ କରି ଯିହୂଦାର ରାଜା ରିହବିୟାମ ନିକଟକୁ ଫେରିଯିବେ । (୧୩:୨୭) ସେ ଯନ୍ତ୍ରଣା କରି ଦୁଇ ସୁବର୍ଣ୍ଣ ଗୋବତ୍ସ କରି ନିର୍ମାଣ କରି ଏକ ବୈଥଲରେ ଓ ଅନ୍ୟଟିକୁ ଦାନରେ ସ୍ଥାପନ କରି ଆପଣା ପ୍ରଜାମାନଙ୍କୁ କହିଲେ,''...ଯିରୁଶାଲମକୁ ଯିବା ପାଇଁ ତୁମ୍ଭମାନଙ୍କୁ ବହୁତ କଷ୍ଟ ପଡୁଅଛି, ହେ ଇଶ୍ରାଏଲ, ତୁମ୍ଭ ଦେବତାମାନଙ୍କୁ ଦେଖ, ସେମାନେ ତୁମ୍ଭକୁ ମିସର ଦେଶରୁ ବାହାର କରି ଆଣିଲେ ।'' (୧୨:୨୮)

ଯିରୁଶାଲମ ଏକ ପ୍ରସିଦ୍ଧ ଓ ବିଶିଷ୍ଟ ନଗରୀ । ବର୍ଷକୁ ତିନିଥର ପ୍ରତ୍ୟେକ ଇସ୍ରାଏଲ ପୁରୁଷ ଯିରୁଶାଲମରେ ଉପସ୍ଥିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (୧) ''ଆମ୍ଭମାନଙ୍କ ପରମେଶ୍ୱରଙ୍କ ନଗରରେ ତାହାଙ୍କ ପବିତ୍ର ପର୍ବତରେ ସଦାପ୍ରଭୁ ମହାନ ଓ ଅତ୍ୟନ୍ତ ପ୍ରଶଂସନୀୟ ।'' (ଗୀତ ୪୮:୧) । ଏହା ସମଗ୍ର ଇଶ୍ରାଏଲ ଦେଶର ରାଜଧାନୀ । (୨) ...ଯିରୁଶାଲମର ଶପଥ କର ନାହିଁ, କାରଣ ତାହା ମହାରାଜାଙ୍କ ନଗରୀ ।'' (ମାଥିଉ ୫:୩୫) (୨) ଯିରୁଶାଲମରେ ପରମେଶ୍ୱରଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଦାଉଦଙ୍କ ୧୨୨ ଗୀତରେ ଗାଆନ୍ତି, ''ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ଗୃହକୁ ଯାଉ, ଏହି କଥା ଲୋକମାନେ ମୋତେ କହିବା ବେଳେ ମୁଁ ଆନନ୍ଦିତ ହେଲି । ହେ ଯିରୁଶାଲମ, ତୁମ୍ଭ ଦ୍ୱାର ଭିତରେ ଆମ୍ଭମାନଙ୍କ ଚରଣ ଠିଆ ହେଉଅଛି, ହେ ଯିରୁଶାଲମ, ତୁମ୍ଭେ ସଂଯୁକ୍ତ ଏକ ନଗର ତୁଲ୍ୟ ନିର୍ମିତ ହୋଇଅଛ; ଗୋଷ୍ଠୀବର୍ଗ ଅର୍ଥାତ୍, ସଦାପ୍ରଭୁଙ୍କ ଗୋଷ୍ଠୀବର୍ଗ ଇଶ୍ରାଏଲ ପ୍ରତି ସାକ୍ଷ୍ୟ ସ୍ୱରୂପେ ସଦାପ୍ରଭୁଙ୍କ ନାମକୁ ଧନ୍ୟବାଦ ନିମନ୍ତେ ସେଠାରେ ଆରୋହଣ କରନ୍ତି ।'' (ଗୀତ ୧୨୨:୧-୪)

ଏହି ନଗରୀ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ମଧ୍ୟ ଏକ ପ୍ରଧାନ ଓ ବିଶିଷ୍ଟତା ପୂର୍ଣ୍ଣ ନଗରୀ । ଖ୍ରୀଷ୍ଟଙ୍କ ଜନ୍ମର ୭୦୦ ବର୍ଷ ପୂର୍ବେ ଯିଶାଇୟ ଭାବବାଦୀ ଦ୍ୱାରା ପରମେଶ୍ୱର କହିଥିଲେ, ''ଶେଷକାଳରେ ଏରୂପେ ଘଟିବ, ସଦାପ୍ରଭୁଙ୍କ ଗୃହର ପର୍ବତ, ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ ଓ ସମସ୍ତ ଉପପର୍ବତଗଣ ଅପେକ୍ଷା ଉଚ୍ଚୀକୃତ ହେବ, ଆଉ ସମୁଦାୟ ଗୋଷ୍ଠୀ ସ୍ରୋତ ପରି ତହିଁ ମଧ୍ୟକୁ ବହୁଆସିବେ ।

ପୁଣି, ଅନେକ ଗୋଷ୍ଠୀ ଯାଉ ଯାଉ କହିବେ, ତୁମ୍ଭେମାନେ ଗୃହକୁ ଯାଉ, ତହିଁରେ ସେ ଆପଣା ପଥ ବିଷୟରେ ଆମ୍ଭମାନଙ୍କୁ ଶିକ୍ଷା ଦେବେ, ଆମ୍ଭେମାନେ ତାହାଙ୍କ ମାର୍ଗରେ ଗମନ କରିବା, କାରଣ ସିୟୋନ ଠାରୁ ବ୍ୟବସ୍ଥା ଓ ଯିରୁଶାଲମ ଠାରୁ ସଦାପ୍ରଭୁଙ୍କର ବାକ୍ୟ ନିର୍ଗତ ହେବ । ''ଏହି ବାକ୍ୟରେ ପରମେଶ୍ୱରଙ୍କ ଗୃହର ସ୍ଥାନ ବିଷୟରେ ଲିଖିତ ହୋଇଅଛି; ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''...ମାତ୍ର ଯେବେ ବିଳମ୍ୱ ହୁଏ, ତେବେ ଈଶ୍ୱରଙ୍କ ଗୃହରେ ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ କିପରି ଆଚରଣ କରିବାକୁ ହୁଏ, ତାହା ଯେପରି ଏହି ସମସ୍ତ ତୁମ୍ଭ ନିକଟକୁ ଲେଖୁଅଛି ।'' (୧ମ ତୀମଥି ୩:୧୫) ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ ପୂର୍ବରୁ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଥିଲେ, ''...ସେ ସେମାନଙ୍କୁ ଏହି ଆଜ୍ଞା ଦେଲେ, ତୁମ୍ଭେମାନେ ଯିରୁଶାଲମରୁ ପ୍ରସ୍ଥାନ କର ନାହିଁ, କିନ୍ତୁ ପିତାଙ୍କର ଯେଉଁ ପ୍ରତିଜ୍ଞା ବିଷୟ ମୋ ଠାରୁ ଶୁଣିଅଛ, ସେଥିର ଅପେକ୍ଷାରେ ରହିଥାଅ ।'' (ପ୍ରେରିତ ୧:୪)

ଯିରୁଶାଲମ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ମଧ୍ୟ ଏକ ପ୍ରଧାନ ନଗର । କାରଣ ଏହି ନଗରରେ ପ୍ରେରିତମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି, ପୁନଃରୁତ୍ଥାନର ସୁସମାଚାରର ପ୍ରଥମ ପ୍ରସଙ୍ଗ ଏଠାରେ ପ୍ରଚାରିତ ହୋଇଥିଲା । ପରିତ୍ରାଣ ପ୍ରାପ୍ତିର ଯୋଜନା ଏହି ସ୍ଥାନରୁ ଆରମ୍ଭ ହୋଇଥିଲା । ସେହିଦିନ ପ୍ରାୟ ତିନି ହଜାର ଯିହୂଦୀମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇଥିଲେ । (ମାର୍କ ୧୬:୧୫-୧୬) । ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା ।

ଖ୍ରୀଷ୍ଟିୟାନଙ୍କୁ କି ପରମେଶ୍ୱର ପ୍ରତିବର୍ଷ ତିନିଥା ଯିରୁଶାଲମକୁ ଯାତ୍ରା କରିବାକୁ ଆଜ୍ଞା ଦିଅନ୍ତି ? ଏହା ଏକ କଷ୍ଟକର କାର୍ଯ୍ୟ । କିନ୍ତୁ ଆମ୍ଭେମାନେ ଏପରି ଆଜ୍ଞା ପାଇନାହୁଁ । ଏପରି ଆଜ୍ଞା ପାଇଥିଲେ, ଯାରବିୟମଙ୍କ ସଦୃଶ୍ୟ ଆମ୍ଭେମାନେ 'ଯିରୁଶାଲମକୁ ଯିବାକୁ କଷ୍ଟ ହୋଉଅଛି' ବୋଲି କହିଥାନ୍ତୁ । ଯୀଶୁ କହିଲେ, ''ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଉଅଛି, ତାହା ଯଦି ପାଳନ କର, ତେବେ ତୁମ୍ଭେମାନେ ମୋହର ବନ୍ଧୁ ?'' (ଯୋହନ ୧୫:୧୩) ''କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ



ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାରସ୍ୱରୂପ ନୁହେଁ । ମଣ୍ଡଳୀ ସ୍ଥାପନର କେତେ ଶତାବ୍ଦୀ ପର୍ଯ୍ୟନ୍ତ, ଖ୍ରୀଷ୍ଟିୟାନମାନେ ନୂତନ ନିୟମ ସଠିକ୍ ଭାବେ ପାଳନ କଲେ । କେତେକ ଶତାବ୍ଦୀ ପରେ ସେମାନେ ନୂତନ ନିୟମର ଆଜ୍ଞା ପାଳନ କରିବା କଷ୍ଟକର ମନେ କଲେ । ମଣ୍ଡଳୀର ପାଳନ ପଦ୍ଧତିରେ ପରିବର୍ତ୍ତନ ଆସିଲା । ଶାସ୍ତ୍ରୀୟ ବାପ୍ତିସ୍ମ ବଦଳେ ଛିଞ୍ଚା ବାପ୍ତିସ୍ମ ଡୁବନ ନେବା କଷ୍ଟକର ମନେ କଲେ ଓ ଛିଞ୍ଚା ଓ ଢ଼ଳା ବାପ୍ତିସ୍ମ ନେବାକୁ ଆରମ୍ଭ କଲେ ।

ଅନେକ ପ୍ରତି ରବିବାର ମଣ୍ଡଳୀ ଉପାସନାରେ ଯୋଗ ଦେବା କଷ୍ଟକର ମଣନ୍ତି; ଆଉ କେତେକ ଗୀର୍ଜାଗୃହ ବହୁତ ଦୂର ମନେ କରନ୍ତି । ଆହୁରି ଏକ ବର୍ଗର ଲୋକେ ପ୍ରତି ରବିବାର ପ୍ରଭୁଭୋଜ ପାଳନ କରିବା କଷ୍ଟକର ମଣନ୍ତି । ଉପାସନାରେ ଆମୋଦ ପ୍ରମୋଦ ରହିବା ଆବଶ୍ୟକ ମଣ୍ଡଳୀ ।

ଖ୍ରୀଷ୍ଟିୟାନମାନଙ୍କୁ ଇଶ୍ରାଏଲ ଦେଶସ୍ଥ ଯିରୁଶାଲମକୁ ଯାଇ ଉପାସନା କରିବା ନିମନ୍ତେ ଆଜ୍ଞା ଦେଇନାହାନ୍ତି । କିନ୍ତୁ ଏହି ନଗରୀରେ, ପ୍ରେରିତ ପିତରଙ୍କ ପ୍ରସଙ୍ଗ ଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ଏହା ହିଁ ନୂତନ ଯିରୁଶାଲମ । ଏବ୍ରୀ ପୁସ୍ତକର୍ତ୍ତା କହନ୍ତି, ''କିନ୍ତୁ ତୁମ୍ଭେମାନେ ସିୟୋନ ପର୍ବତ ଓ ଜୀବନ୍ତ ଈଶ୍ୱରଙ୍କ ନଗର, ଅର୍ଥାତ୍ ସ୍ୱର୍ଗୀୟ **ଯିରୁଶାଲମ**, ଅସଂଖ୍ୟ ଦୂତବାହିନୀଙ୍କ ମହୋତ୍ସବ, ସ୍ୱର୍ଗରେ ଲିଖିତ ପ୍ରଥମଜାତ ମାନଙ୍କର ମଣ୍ଡଳୀ, ସମସ୍ତଙ୍କ ବିଚାରକର୍ତ୍ତା ଈଶ୍ୱର, ସିଦ୍ଧିପ୍ରାପ୍ତ ଧାର୍ମିକ ମାନଙ୍କ ଆତ୍ମାଗଣ, ନୂତନ ନିୟମର ମଧ୍ୟସ୍ଥ ଯୀଶୁ, ପୁଣି ଯେଉଁ ସେଚନର ରକ୍ତ ହେବଲଙ୍କ ରକ୍ତ ଅପେକ୍ଷା ଉତ୍କୃଷ୍ଟତର ବାକ୍ୟ କହେ, ତାହା ନିକଟକୁ ଆସିଅଛ ।'' (ଏବ୍ରୀ ୧୨:୨୨-୨୪)

ପରମେଶ୍ୱରଙ୍କୁ ଅନୁସରଣ କରିବା କି ଆପଣ କଷ୍ଟକର ଅନୁଭବ କରୁଅଛନ୍ତି? କିନ୍ତୁ ତାହାଙ୍କୁ ଅନୁସରଣ ନ କଲେ, ନରକ ଯନ୍ତ୍ରଣା ଆହୁରି ଭୟଙ୍କ ଅଟେ ।

**- Joshua Gootam**

# ଅବ୍ରାହମଙ୍କ ବିଶ୍ୱାସର ପରୀକ୍ଷା
## (Abraham's faith was tested)

ଅବ୍ରାହମ ଆପଣା ଜୀବନରେ ଅନେକ କ୍ଲେଶର ସମ୍ମୁଖୀନ ହୋଇଥିଲେ । ତଥାପି ଆଦି ୨୨:୧-୧୩ ଲିଖିତ ଘଟଣା ତାହାଙ୍କ ବିଶ୍ୱାସର ପରୀକ୍ଷା ବୋଲି କୁହାଯାଏ । ସେ ସଦାପ୍ରଭୁ ପରମେଶ୍ୱରଙ୍କୁ ଜ୍ଞାତ ହେବାର ପ୍ରଥମ ଦିନ ଠାରୁ ତାହାଙ୍କ ଠାରେ ବିଶ୍ୱାସ କରିଥିଲେ । ସଦାପ୍ରଭୁଙ୍କ ଆଦେଶନୁଯାୟୀ ଆପଣା ଦେଶ ଓ ଜ୍ଞାତିବର୍ଗଙ୍କୁ ପରିତ୍ୟାଗ କରି, ତାହାଙ୍କ ନିର୍ଦ୍ଦେଶନାରେ କିଣାନ ଦେଶକୁ ଆସି ବାସ କଲେ ।

ବିଶ୍ୱାସ ବିନୁ ଆମ୍ଭେମାନେ ପରମେଶ୍ୱରଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ ବୋଲି ଆମ୍ଭେମାନେ ଏବ୍ରୀ ୧୧:୬ ପଦରେ ପଢ଼ିଥାଉଁ । ବିଶ୍ୱାସ ସିଦ୍ଧ ହେବା ପୂର୍ବରୁ ପରୀକ୍ଷିତ ହେବା ଓ ପରୀକ୍ଷାରେ ବିଜୟୀ ହେବା ଆବଶ୍ୟକ । ବିଜୟୀ ହେବା ନିମନ୍ତେ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ବିଶ୍ୱାସ କର୍ମ ଦ୍ୱାରା ସୁସ୍ପଷ୍ଟ କରିବା ଆବଶ୍ୟକ । (ଯାକୁବ ୨:୨୧-୨୪)

ବିଶ୍ୱାସୀମାନଙ୍କ ପିତା ଅବ୍ରାହମଙ୍କ ବିଶ୍ୱାସ ମଧ୍ୟ ପରୀକ୍ଷିତ ହେବା ଆବଶ୍ୟକ ଥିଲା । ପରୀକ୍ଷା ଦ୍ୱାରା ବିଶ୍ୱାସ ସିଦ୍ଧ ଓ ଅଭିବୃଦ୍ଧି ପାଏ । (ଆୟୁବ ୨:୨୧-୨୪) । ସଦାପ୍ରଭୁ ଯେ ସର୍ବଶକ୍ତିମାନ ଓ ତାହାଙ୍କ ଆଜ୍ଞାପାଳନରେ ସେ ଯେ ଆଶୀର୍ବାଦ ପ୍ରାପ୍ତ ହେବେ, ଏହା ଅବ୍ରାହମ ଜ୍ଞାତ ହେବା ଆବଶ୍ୟକ ଥିଲା । ଇସ୍‌ହାକଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଦେଲେ ହେଁ, ସଦାପ୍ରଭୁ ଯେ ଇସ୍‌ହାକଙ୍କ ଦ୍ୱାରା ତାହାଙ୍କ ପ୍ରତିଜ୍ଞା ସକଳ ସଫଳ କରିବେ, ଏହା ଅବ୍ରାହମ ବିଶ୍ୱାସ କରିବା ଆବଶ୍ୟକ ଥିଲା ।

ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି, ''ବିଶ୍ୱାସ ଦ୍ୱାରା ଅବ୍ରାହମ ପରୀକ୍ଷିତ ହୋଇ ଇସ୍‌ହାକଙ୍କୁ ଉତ୍ସର୍ଗ କଲେ...'' (ଏବ୍ରୀ ୧୧:୧୭କ) । ଯେଉଁଭାବେ ଅବ୍ରାହମ ଅପାଣା ଅଦ୍ୱିତୀୟ ପୁତ୍ରଙ୍କୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ହୋଇଥିଲେ, ତାହାଙ୍କ ଅତୁଟ ବିଶ୍ୱାସ ସାକ୍ଷ୍ୟ ଦିଏ । ସେ ଆମ୍ଭମାନଙ୍କ ଆଦର୍ଶ ଅଟନ୍ତି । ପ୍ରତ୍ୟେକ ମନୁଷ୍ୟଙ୍କୁ ସିଦ୍ଧ ହେବା ନିମନ୍ତେ ପରୀକ୍ଷିତ ହେବା ଆବଶ୍ୟକ ।



ଆଦି ୨୨:୧-୨ ପଦରେ ଅବ୍ରାହମଙ୍କ ବିଶ୍ୱାସର ପରୀକ୍ଷା ବିଷୟରେ ଲିଖିତ ହୋଇଅଛି । ''ଏହି ସମସ୍ତ ଘଟଣା ଉତ୍ତାରେ ପରମେଶ୍ୱର ଅବ୍ରାହମଙ୍କର ପରୀକ୍ଷା ନିମନ୍ତେ କହିଲେ...'' ଏଥିପୂର୍ବେ ଅବିମେଲକଙ୍କ ସହିତ ଅବ୍ରାହମଙ୍କୁ ଶପଥ ବିଷୟରେ ଲେଖାଯାଏ । (ଆଦି ୨୦:୨୧) । ଅବ୍ରାହମଙ୍କ ବିଶ୍ୱାସ ପରୀକ୍ଷା କରିବାର ସମୟ ଉପସ୍ଥିତ ହେଲା । ପରୀକ୍ଷାରେ ଅବ୍ରାହମ ବିଜୟୀ ହୋଇଥିଲା । ''ଶାସନ ବର୍ତ୍ତମାନ ଆନନ୍ଦଜନକ ବୋଧ ନହୋଇ ଦୁଃଖଜନକ ବୋଧ ହୁଏ; ତଥାପି ଯେଉଁମାନେ ତଦ୍ୱାରା ଶିକ୍ଷା ହୋଇଅଛନ୍ତି, ତାହା ପରେ ସେମାନଙ୍କୁ ଶାନ୍ତିର ଫଳସ୍ୱରୂପ ଧାର୍ମିକତା ପ୍ରଦାନ କରେ ।'' (ଏବ୍ରୀ ୧୨:୧୧)

ଅବ୍ରାହମଙ୍କ ବିଶ୍ୱାସ ପରୀକ୍ଷା କରିବା ନିମନ୍ତେ, ସଦାପ୍ରଭୁ ତାହାଙ୍କ ପୁତ୍ରଙ୍କ ବଳିଦାନ ମାଗିଥିଲେ । ପରୀକ୍ଷା ବିନୁ ଆମ୍ଭେମାନେ ବିଶ୍ୱାସ କେତେ ସୁଦୃଢ଼ ଜାଣି ନ ପାରୁ । ସଦାପ୍ରଭୁ ତାହାଙ୍କୁ କହିଲେ, ''...ତୁମ୍ଭେ ଏବେ ଆପଣା ପୁତ୍ରଙ୍କୁ ତୁମ୍ଭର ଅଦ୍ୱିତୀୟ ପୁତ୍ରଙ୍କୁ , ଅର୍ଥାତ୍ ତୁମ୍ଭେ ଯାହାକୁ ସ୍ନେହ କର, ସେହି ଇସ୍‌ହାକଙ୍କୁ ଘେନି ମୋରିୟା ଦେବାକୁ ଯାଅ; ପୁଣି ଆମ୍ଭେ ସେହି ଦେଶରେ ଯେଉଁ ପର୍ବତ କରିବା, ସେହି ପର୍ବତ ଉପରେ ତାହାକୁ ହୋମାର୍ଥେ ବଳିଦାନ କର । (ଆଦି ୨୨:୨) । ସଦାପ୍ରଭୁ ବାରମ୍ବାର ଇସ୍‌ହାକ ଅଦ୍ୱିତୀୟ ପୁତ୍ରଙ୍କୁ ବଳିଦାନ କରିବାକୁ ଆଦେଶ ଦେଇଥିଲେ । ଇସ୍‌ହାକ ତାହାଙ୍କ ପିତାମାତାଙ୍କ ଏକମାତ୍ର ପ୍ରିୟ ପୁତ୍ର ଥିଲେ । ମୋରିୟା ପର୍ବତ ଉପରେ ଯିରୁଶାଲମ ଓ ବିଶେଷତଃ ମନ୍ଦିର ନିର୍ମିତ ହୋଇଥିଲା । ''ଅନନ୍ତର ଶଲୋମନ ମୋରିୟା ପର୍ବତରେ ସଦାପ୍ରଭୁଙ୍କର ଗୃହ ନିର୍ମାଣ କରିବାକୁ ଆରମ୍ଭ କଲେ, ସେହି ସ୍ଥାନରେ ସଦାପ୍ରଭୁ ତାଙ୍କର ପିତା ଦାଉଦଙ୍କୁ ଦର୍ଶନ ଦେଇଥିଲେ, ଦାଉଦ ଯିବୂଷୀୟ ଅରଣନ ଖଳାରେ ଯେଉଁ ସ୍ଥାନ ନିର୍ମାଣ କରିଥିଲେ, ସେହିଠାରେ ସେ ତାହା ପ୍ରସ୍ତୁତ କଲେ ।'' (୨ ବଂଶାବଳୀ ୩:୧)

''ତହିଁରେ ଅବ୍ରାହମ ପ୍ରଭାତରେ ଉଠି ଗଧ ସଜାଇ ଦୁଇଜଣ ଦାସ ଓ ଆପଣା ପୁତ୍ର ଇସ୍‌ହାକଙ୍କୁ ସଙ୍ଗରେ ନେଲେ, ଆଉ ହୋମ ନିମନ୍ତେ କାଠ କାଟି ପରମେଶ୍ୱରଙ୍କ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କଲେ ।'' (ଆଦି ୨୨:୩) । ଅବ୍ରାହମଙ୍କ ମନରେ ଦ୍ୱିଧା

କିଅବା ସନ୍ଦେହ ନ ଥିଲା । (ଗୀତ ୧୧୯:୬୦) । ଅବ୍ରାହମ ସଦାପ୍ରଭୁଙ୍କୁ ପ୍ରେମ କରୁଥିଲେ ଓ ଦୃଢ଼ ବିଶ୍ୱାସ କରୁଥିଲେ । ପ୍ରତିଜ୍ଞା କରିବା ବିଶ୍ୱସ୍ତ ଅଟନ୍ତି ।

''ଅନନ୍ତର ତୃତୀୟ ଦିନରେ ଅବ୍ରାହମ ଅନାଇ ଦୂରରୁ ସେହି ସ୍ଥାନ ଦେଖିଲେ...'' (ଆଦି ୨୨:୪) । ବେରସେବାରୁ ମୋରିୟାର ପର୍ବତକୁ ୪୦ ମାଇଲ ଯାତଆ ଥିଲା । ''ସେତେବେଳେ ଅବ୍ରାହମ ସେହି ଦାସମାନଙ୍କୁ କହିଲେ, ତୁମ୍ଭେମାନେ ଏହି ସ୍ଥାନରେ ଗଧ ସହିତ ଥାଅ । ମୁଁ ଓ ବାଳକ ଦୁହେଁ ସେହି ସ୍ଥାନକୁ ଯାଇ ଆରାଧନା କରି ପଛେ ତୁମ୍ଭମାନଙ୍କ ନିକଟକୁ ଫେରି ଆସିବା । (୫ମ ପଦ) ଯଦିଓ ଅବ୍ରାହମ, ଇସ୍‌ହାକଙ୍କୁ ବଳି ଦେବାକୁ ପ୍ରସ୍ତୁତ ଥିଲେ, ସେ ଦୁହେଁ ଯେ ଫେରି ଆସିବେ ବୋଲି ତାହାଙ୍କ ଦୃଢ଼ ବିଶ୍ୱାସ ଥିଲା । (ଏବ୍ରୀ ୧୧:୧୯) ତହୁଁ ଅବ୍ରାହମ ଯଜ୍ଞକାଷ୍ଠ ଘେନି ଆପଣା ପୁତ୍ର ଇସ୍‌ହାକଙ୍କୁ ସ୍କନ୍ଧରେ ଦେଇ ନିଜ ହସ୍ତରେ ଅଗ୍ନି ଓ ଛୁରିକା ଘେନିଲେ, ପୁଣି ଦୁହେଁ ଏକତ୍ର ଚାଲିଗଲେ ।'' (୬ମ ପଦ) । ଯୀଶୁ ମଧ୍ୟ କାଷ୍ଠ ନିର୍ମିତ ଆପଣା କ୍ରୁଶ ବହି ଯିରୁଶାଲମରେ ରାସ୍ତାରେ ଚାଲିଥିଲେ । ଅବ୍ରାହମ ଓ ଖ୍ରୀଷ୍ଟଙ୍କ ଅତୁଟ ବିଶ୍ୱାସ ଓ ଆଜ୍ଞାବହତା ଯୋଗୁଁ ଦୁହେଁ ଅତ୍ୟୁକ୍ତଭାବେ ପରୀକ୍ଷିତ ହୋଇଥିଲେ । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ପରିତ୍ରାଣର ପଥ ପ୍ରସ୍ତୁତ କରିଅଛନ୍ତି ।

''ଆଉ ଇସ୍‌ହାକ ଆପଣା ପିତା ଅବ୍ରାହମଙ୍କୁ ଡାକି କହିଲା, ହେ ମୋହର ପିତଃ । ତହିଁରେ ସେ ଉତ୍ତର କଲେ, ପୁତ୍ର, ଦେଖ ମୁଁ ଏଠାରେ ସେତେବେଳେ ସେ ପଚାରିଲା, ଏହି ଦେଖ, ଅଗ୍ନି ଓ କାଷ୍ଠ, ମାତ୍ର ହୋମ ନିମନ୍ତେ ମେଣ୍ଢା ଛୁଆ କାହିଁ ? (୭ମ ପଦ) । ପିତାଙ୍କ ନିମନ୍ତେ ଏହା କେତେ କଠିନମୟ ପ୍ରଶ୍ନ !'' ତହିଁରେ ଅବ୍ରାହମ କହିଲେ, ପୁତ୍ର, ପରମେଶ୍ୱର ଆପେ ହୋମ ପାଇ ମେଣ୍ଢାଛୁଆ ଯୋଗାଇବେ । ତହୁଁ ଦୁହେଁ ଏକତ୍ର ଚାଲିଲେ ।'' (୮ମ ପଦ) ଅବ୍ରାହମ ବିଶ୍ୱାସ ଓ ଆଜ୍ଞାବହତାରେ ଇସ୍‌ହାକ ପ୍ରଶ୍ନର ଉତ୍ତର ଦେଇଥିଲେ । ଅବ୍ରାହମ ଇସ୍‌ହାକଙ୍କୁ ଏକ ମେଷ ସ୍ୱରୂପ କହନ୍ତି କିଅବା ଈଶ୍ୱର ମେଷପାଳକ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ କରନ୍ତି ? ''ଆଉ ପରମେଶ୍ୱରଙ୍କ ନିରୂପିତ ସ୍ଥାନରେ ଉପସ୍ଥିତ ହୁଅନ୍ତେ, ଅବ୍ରାହମ ଠୋରେ ଏକ ଯଜ୍ଞବେଦୀ ନିର୍ମାଣ କରି ତହିଁ ଉପରେ କାଠ ସଜାଡ଼ି ଆପଣା ପୁତ୍ର ଇସ୍‌ହାକଙ୍କୁ ବାନ୍ଧି



ବେଦୀର କାଠ ଉପରେ ଶୁଆଇଲେ ।'' ଏତଦ୍ୱାରା ଅବ୍ରାହମ ଆପଣା ବିଶ୍ୱାସ ଓ ଆଜ୍ଞାବହତା ପ୍ରମାଣ ବିଶ୍ୱାସ ଓ ତାହାଙ୍କ ପୁନଃଜୀବିତ ହେବାର ଭରସାରେ ସେ ଏହି କର୍ମ କରିଥିଲେ । ତାହାଙ୍କ ହୃଦୟ ବେଦନା କେବଳ ଏକ ପ୍ରେମମୟ ପିତା ଜାଣିପାରିବେ ।

''ଅନନ୍ତର ଅବ୍ରାହମ ହସ୍ତ ବିସ୍ତାର କରି ଆପଣା ପୁତ୍ରଙ୍କୁ ବଧ କରିବା ନିମନ୍ତେ ଛୁରିକା ଧରିଲେ ।'' (୧ମ ପଦ) ସେ ସଦାପ୍ରଭୁଙ୍କ ଆଦେଶ ପାଳନ କରିବାରେ, ଦିନେ ମଧ୍ୟ ଭଆକ୍ଷେପ କରି ନଥିଲେ । ''ପରି ସମୟରେ ଆକାଶରୁ ସଦାପ୍ରଭୁଙ୍କ ଦୂତ ତାଙ୍କୁ ଡାକି କହିଲେ, ହେ ଅବ୍ରାହମ, ହେ ଅବ୍ରାହମ; ତହିଁରେ ସେ କହିଲେ, ଦେଖନ୍ତୁ, ମୁଁ ଏଠାରେ ତହିଁରେ ସେ କହିଲେ, ତୁମ୍ଭେ ଏହି ବାଳକର ପ୍ରତିକୂଳରେ ହସ୍ତବିସ୍ତାର କର ନାହିଁ ଓ ତାହା ପ୍ରତି କିଛି କର ନାହିଁ; କାରଣ ପରମେଶ୍ୱରଙ୍କ ପ୍ରତି ତୁମ୍ଭର ଭୟ ଅଛି, ଏହା ଏବେ ଆମ୍ଭେ ବୁଝିଲୁ, ଯେହେତୁ ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ହିଁ ଅସମ୍ମତ ନୋହିଲ ।'' (ଆଦି ୨୨:୧୧-୧୨) । ସଦାପ୍ରଭୁ ଅବ୍ରାହମଙ୍କୁ ଆଜ୍ଞା ଦେବା ପୂର୍ବେ ହୃଦୟ ଜ୍ଞାତ ଥିଲେ, ତଥାପି ସେ ତାହଙ୍କୁ ପରୀକ୍ଷା କରିଥିଲେ ।

''ସେତେବେଳେ ଅବ୍ରାହମ ଅନାଇ ଆପଣା ପଛଆଡ଼ ବୁଦାର ଲତାରେ ବଦ୍ଧଶୃଙ୍ଗ ଗୋଟିଏ ମେଷ ଦେଖିଲେ, ତହିଁରେ ଅବ୍ରାହମ ଯାଇ ସେହି ମେଷକୁ ଆଣି ଆପଣଣ ପୁତ୍ରଙ୍କ ବଦଳେ ତାକୁ ହୋମ ନିମନ୍ତେ ଉତ୍ସର୍ଗ କଲେ ।'' (ଆଦି ୨୨:୧୩) ଅଜଣା ଅଶୁଣା ପ୍ରଦେଶରେ ମେଷର ସନ୍ଧାନ ପାଇବା କଷ୍ଟକର, ତଥାପି ଅବ୍ରାହମ ଭାବବାଣୀ ପ୍ରକଟ କରି କହିଥିଲେ, ''...ପୁତ୍ର, ପରମେଶ୍ୱର ଆପେ ହୋମ ପାଇଁ ମେଣ୍ଢାଛୁଆ ଯୋଗାଇବେ...'' ପୁଣି ଅବ୍ରାହମ ସେହିସ୍ଥାନର ନାମ ଯିହୋବାଯିରୀ (ସଦାପ୍ରଭୁ ଯୋଗାଇବେ) ରଖିଲେ । ଏଣୁକରି ଆଜିଯାଏ ଲୋକେ କହନ୍ତି, ପର୍ବତରେ ସଦାପ୍ରଭୁ ଯୋଗାଇବେ ।''

**- Therman Hodge**

❋❋❋

# ପ୍ରାର୍ଥନା କରିବା ଏକ ସୁଯୋଗ
## (The Privilege of Prayer

ବାସ୍ତବତାରେ ପ୍ରାର୍ଥନା କରିବା ଏକ ସୁବର୍ଣ୍ଣ ସୁଯୋଗ । ଈଶ୍ୱରଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନକାରୀ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏହା ଏକ ପରମେଶ୍ୱରଙ୍କ ପ୍ରତିଜ୍ଞା । ସଦାପ୍ରଭୁ କେବଳ ତାହାଙ୍କ ସନ୍ତାନମାନଙ୍କୁ ପରୀକ୍ଷଣ ନ କରି, ସେମାନଙ୍କ ପ୍ରାର୍ଥନା ମଧ୍ୟ ଶୁଣନ୍ତି ।

'ପ୍ରାର୍ଥନା' ପ୍ରତ୍ୟେକ ମନୁଷ୍ୟମାନଙ୍କ ନିମନ୍ତେ ସୁଯୋଗ ନୁହେଁ । ପାପୀ, ଅବାଧ, ବିଦ୍ରୋହୀ ପ୍ରଭୃତିମାନଙ୍କ ପ୍ରାର୍ଥନା ପରମେଶ୍ୱର ଶୁଣନ୍ତି ନାହିଁ ବୋଲି ବାଇବଲରେ ଅନେକ ବାକ୍ୟରେ ପଢ଼ିଥାଉ । ସେମାନଙ୍କ ପ୍ରାର୍ଥନା ଆକାଶର ଛମଣମାଳାରୁ ଉପରକୁ ଯାଏ ନାହିଁ ବୋଲି ଅନେକ ଭକ୍ତମାନଙ୍କ ମତ । ସେମାନଙ୍କ ପ୍ରାର୍ଥନା ସଦାପ୍ରଭୁଙ୍କ ଘୃଣ୍ୟ । ଆପଦ କିବା ବିପଦ ସମୟରେ ମଧ୍ୟ ଅନାଜ୍ଞାକାରୀମାନଙ୍କ ପ୍ରାର୍ଥନା ସେ ଶ୍ରବଣ କରିବେ ନାହିଁ ।

ଅନେକ ଏହି ବିଷୟ ଗ୍ରାହ୍ୟ କରନ୍ତି ନାହିଁ । ସଦାପ୍ରଭୁ ପ୍ରେମୀ ପରଶ୍ୱେର ଅଟନ୍ତି । ତାହାଙ୍କ ସନ୍ତାନ ଯେ ଆମ୍ଭେମାନେ ଆମ୍ଭେମାନେ ତାହାଙ୍କ ଅବଜ୍ଞାକାରୀ ହୋଇ ତାହାଙ୍କ ପରିଚର୍ଯ୍ୟା ନ କଲେ, ସେ କି ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିବେ ?

ଆସ, ଆମ୍ଭେମାନେ ବାକ୍ୟ ଏ ବିଷୟରେ କଅଣ କହେ ଜାଣିବା ।

''ଯେହେତୁ ମୁଁ ଡାକିଲି, ପୁଣି ତୁମ୍ଭେମାନେ ନାସ୍ତି କଲ, ମୁଁ ହସ୍ତ ବିସ୍ତାର କଲି, କେହି ମାନ୍ୟ କଲ ନାହିଁ, ମାତ୍ର ତୁମ୍ଭେମାନେ ମୋହର ମନ୍ତ୍ରଣା ତୁଚ୍ଛ ଜ୍ଞାନ କଲ । ମୁଁ ହସ୍ତ ବିସ୍ତାର କଲି, କେହି ମାନ୍ୟ କଲା ନାହିଁ । ମାତ୍ର ତୁମ୍ଭେମାନେ ମୋହର ସମସ୍ତ ମହଣା ତୁଚ୍ଛ ଜ୍ଞାନ କଲ, ପୁଣି ମୋହର କୌଣସି ଅନୁଯୋଗକୁ ଚାହିଁଲ ନାହିଁ, ଏହେତୁ ମୁଁ ମଧ୍ୟ ତୁମ୍ଭମାନଙ୍କ ବିଗତ ବେଳେ ହସିବି, ତୁମ୍ଭମାନଙ୍କର ଆଶଙ୍କା ଉପସ୍ଥିତ ହେବା ସମୟରେ ମୁଁ ପରିହାସ କରିବି । ଯେତେବେଳେ ପ୍ରଚଣ୍ଡ ଝଡ଼ ପରି ତୁମ୍ଭମାନଙ୍କର ଆଶଙ୍କା ଉପସ୍ଥିତ ହେବା ସମୟରେ ମୁଁ ପରିହାସ କରିବି । ...ସେତେବେଳେ ସେମାନେ ମୋତେ ଡାକ ପକାଇବେ, ମାତ୍ର ମୁଁ ଉତ୍ତର ଦେବି ନାହିଁ, ସେମାନେ ଅତି ଯତ୍ନରେ ମୋହର ଅନ୍ୱେଷଣ କରିବେ, ମାତ୍ର ମୋହର ଉଦ୍ଦେଶ୍ୟ ପାଇବେ ନାହିଁ । କାରଣ ସେମାନେ ବିଦ୍ୟାକୁ ଘୃଣା କଲେ, ସେମାନେ ମୋହର କୌଣସି ମନ୍ତ୍ରଣା ଗ୍ରହଣ କଲେ ନାହିଁ ଓ ମୋହର ସମସ୍ତ ଅନୁଯୋଗ ହେୟଜ୍ଞାନ କଲେ । ତେଣୁକରି ସେମାନେ ଆପଣା ଆପଣାର କର୍ମର ପ୍ରତିଫଳ ଭୋଗିବେ ।'' (ହିତ ୧:୨୪-୩୧)

ଏହା କୁକର୍ମକାରୀମାନଙ୍କ ନିମନ୍ତେ ସତର୍କବାଣୀ ଓ ବିଶ୍ୱାସୀମାନଙ୍କ ଭରସା । ବିଶ୍ୱାସୀମାନଙ୍କ ପ୍ରାର୍ଥନା ସେ ଶୁଣିବେ ଓ ସାହାଯ୍ୟ କରିବେ ।

''....ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ ।'' (ଯାକୁବ ୧:୧୬)

❋❋❋

# ଏକ ନ୍ୟାର୍ଯ୍ୟ ପରୀକ୍ଷା
## (A Fair Test)

ବାବିଲର ରାଜା ନବୂଖଦ୍‌ନିୟର ଏକ ଆଜ୍ଞା ଜାରି କଲେ । ତାହାଙ୍କ ରାଜ୍ୟ ଅଧିକାରରେ କାର୍ଯ୍ୟ କରିବା ନିମନ୍ତେ କେତେଜଣ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ମନୋନୀତ କଲେ । ରାଜାଙ୍କ ମେଜରୁ ଆହରୀୟ ଓ ପାନୀୟ ଦ୍ରାକ୍ଷାରସ ଦୈନିକ ଅଂଶ ଦେଇ ପ୍ରତିପୋଷଣ କରିବା ପାଇଁ ନପୁଂସକାଧିପତି ଅସ୍ପନସକୁ ନିଯୁକ୍ତ କଲେ, କିନ୍ତୁ ସେମାନଙ୍କ ମଧ୍ୟରୁ ଚାରିଜଣ ଯୁବକ ରାଜା ଖାଦ୍ୟ ଓ ପାନୀୟ ଗ୍ରହଣ କରିବାକୁ ନାସ୍ତି କଲେ ।

ଦାନିୟେଲ, ହନାନି, ମୀଖାଏଲେ ଓ ଆସରିୟ ନାମକ ଯୁବକମାନେ ଯିରୁଶାଲମରୁ ବନ୍ଦୀ ରୂପେ ବାବିଲକୁ ନୀତ ହୋଇଥିଲେ । ଏମାନେ ଯିହୂଦା ଦେଶର ସର୍ବୋତ୍କୃଷ୍ଟ ଯୁବକ ଥିଲେ । ଦାନିୟେଲ ଓ ତାହାଙ୍କ ସଙ୍ଗୀମାନେ ରାଜପ୍ରାସାଦର ଖାଦ୍ୟ ସୁମିଷ୍ଟ ବୋଲି ଜ୍ଞାତ ଥିଲେ । ମୋଶା ଓ ସୋମନଙ୍କ ପିତୃପୁରୁଷମାନଙ୍କ ପ୍ରତି ଖାଦ୍ୟ ବିଷୟକ ଆଜ୍ଞା ସକଳ ସେମାନେ ଜ୍ଞାତ ଥିଲେ । ସେମାନେ କୌଣସି ଅଶୁଚି ଖାଦ୍ୟ

ଖାଇବାକୁ ନିଷେଧିତ ହୋଇଥିଲେ । ନିଷେଧିତ ଖାଦ୍ୟ ଖାଇବା ଦ୍ୱାରା ଆଜ୍ଞାଲଂଘନ କରି ପରମେଶ୍ୱରଙ୍କ ଅସନ୍ତୋଷ ପାତ୍ର ନ ହେବାକୁ ସେମାନେ ଦୃଢ଼ ନିର୍ଣ୍ଣୟ କରିଥିଲେ।

ମାତ୍ର ରାଜାର ଆହରୀୟ ଦ୍ରବ୍ୟରେ ଓ ତାହାର ପାନୀୟ ଦ୍ରାକ୍ଷାରସରେ ଆପଣାକୁ ଅଶୁଚି ନ କରିବା ପାଇଁ ଦାନିୟେଲ ନିଜ ମନରେ ସ୍ଥିର କଲେ, ଏହେତୁ ସେ ଯେପରି ଆପଣାକୁ ଅଶୁଚି ନ କରେ, ଏଥିପାଇଁ ସେ ନପୁଂସକାଧିପତିକି ନିବେଦନ କଲେ ।'' (ଦାନିୟେଲ ୧:୮)

ଦାନିୟେଲ ଅନ୍ୟ ଏକ ଯୋଜନା କଲେ । ସେ ନପୁଂସକାଧିପତିକୁ କହିଲେ, ''ଅନୁଗ୍ରହ କରି ଆପଣା ଦାସମାନଙ୍କୁ ଦଶଦିନ ପରୀକ୍ଷା କରନ୍ତୁ, ଆମ୍ଭମାନଙ୍କୁ ଭୋଜନ ନିମନ୍ତେ ଶସ୍ୟ ଓ ପାନ ନିମନ୍ତେ ଜଳ ଦିଆଯାଉ, ତହିଁ ଉତ୍ତାରେ ଆପଣଙ୍କ ସମ୍ମୁଖରେ ଆମ୍ଭମାନଙ୍କର ମୁଖ ଓ ରାଜକୀୟ ଭକ୍ଷ୍ୟ ଭୋଜନକାରୀ ଯୁବାମାନଙ୍କର ମୁଖ ଦେଖାଯାଉ, ତହିଁରେ ଆପଣ ଯେପରି ଦେଖନ୍ତି, ତଦନୁସାରେ ଆପଣ ଦାସମାନଙ୍କ ପ୍ରତି ବ୍ୟବହାର କରନ୍ତୁ ।'' (୧:୧୩)

ନପୁଂସକ ଅଧିକାରୀ ଏହି ପ୍ରସ୍ତାବରେ ରାଜି ହେଲେ, ''ପୁଣି, ଦଶଦିନର ଶେଷରେ ରାଜକୀୟ ଆହାର ଭୋଜନକାରୀ ସକଳ ଯୁବାଙ୍କ ମୁଖ ଅପେକ୍ଷା ସେମାନଙ୍କ ମୁଖ ସୁନ୍ଦର ଦେଖାଗଲା ଓ ସେମାନେ ଅଧିକ ହୃଷ୍ଟପୁଷ୍ଟ ଦେଖାଗଲେ । ସଦାପ୍ରଭୁ ଦାନିୟେଲ, ହନନୀୟ, ମିଶାୟେଲ ଓ ଆସରିୟଙ୍କ ବିଶ୍ୱସ୍ତତା ହେତୁ ଆଶୀର୍ବାଦ କରିଥିଲେ । ''...ସମଗ୍ର ରାଜ୍ୟସ୍ଥ ଯାବତୀୟ ମନ୍ତ୍ରବେତ୍ତା ଓ ଗଣକ ଅପେକ୍ଷା ସେମାନଙ୍କର ବିଜ୍ଞତା ଦଶଗୁଣ ଅଧିକ ଦେଖିଲା ।'' (୧:୨୦)

ଆମ୍ଭେମାନେ ସର୍ବଦା ଉତ୍ତମ କାର୍ଯ୍ୟ କରିବାକୁ ନିଶ୍ଚୟତା ନେଉଁ । ଉତ୍ତମ କାର୍ଯ୍ୟ କରିବାରେ ନିଶ୍ଚୟତା ନେଇ, ତହିଁରୁ ନିବୃତ୍ତ ନ ହେଉ, ବାଧାବିଘ୍ନର ସମ୍ମୁଖୀନ ହେବା ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ । ଉତ୍ତମ କାର୍ଯ୍ୟ କରି, ବିଶ୍ୱସ୍ତ ଯାପନରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କ ହସ୍ତରେ ଆପଣଙ୍କ ହସ୍ତରେ ସମର୍ପଣ କରୁ ।

**- Aaron Cozort**

❋❋❋



# ବୁଦ୍ଧି ଓ ଆତ୍ମା ସହିତ

## (With the Spirit and Understanding)

ଖ୍ରୀଷ୍ଟଧର୍ମ ଏକ ଗୀତ ଗାୟିକା ଧର୍ମ । ଖ୍ରୀଷ୍ଟିୟାନମାନେ ଗୀତ ଗାଆନ୍ତି । ଏହା ଆରାଧନା ବିଷୟକ ଏକ ଆଜ୍ଞା । (ଏଫିସୀ ୫:୧୯, କଲସୀ ୩:୧୬) । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଗୀତ ଗାୟନ କେବଳ ଆଜ୍ଞାପାଳନ ନୁହେଁ । ଗୀତ ଗାୟନ ଦ୍ୱାରା ଆମ୍ଭେମାନେ ସର୍ବସ୍ଥ ପରମେଶ୍ୱରଙ୍କ ପ୍ରଶଂସା ଗାନ କରୁ । ଜ୍ଞାନୀ ଯାକୁବ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି, ''....କେହି କଅଣ ଆନନ୍ଦିତ ଅଟେ ? ସେ ଗୀତ ଗାନ କରୁ ।'' (ଯାକୁବ ୫:୧୩୬) ''...ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି; ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି ।'' (୧ମ କରିନ୍ଥୀ ୧୪:୧୫) । ପ୍ରତ୍ୟେକ କି ବୁଦ୍ଧି ଓ ଆତ୍ମାରେ ଗୀତ ଗାଉଅଛନ୍ତି । ବୁଦ୍ଧି ଓ ଆତ୍ମାରେ ଗୀତ ଗାଇବାର ଅର୍ଥ କଅଣ ?

(୧) ଆତ୍ମା ଓ ବୁଦ୍ଧି ସହିତର ଅର୍ଥ : ଏକାଗ୍ରତାରେ – ଏକ ଆରେକଙ୍କ ନିଷ୍ଠାରେ ଅନାସକ୍ତ କିନ୍ତୁ ଆଶ୍ଚର୍ଯ୍ୟକର୍ମ ଦେଖିବାକୁ ଲାଳାୟିତ କରିନ୍ଥୀ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଏହି ପତ୍ର ଲେଖିଥିଲେ । (୧ମ କରିନ୍ଥୀ ୧୪:୧୨) । ଯେଉଁମାନେ ପବିତ୍ର ଆତ୍ମାଙ୍କ ଅଦ୍ଭୁତ ବରଦାନ ପ୍ରାପ୍ତ ବ୍ୟକ୍ତିମାନେ କେବଳ ନିଷ୍ଠା ପ୍ରାପ୍ତ ନ ହୋଇ, ପ୍ରତ୍ୟେକ ସଭ୍ୟ ନିଷ୍ଠାପ୍ରାପ୍ତ ହେବା ଆବଶ୍ୟକ । ଯଦିଓ ପବିତ୍ର ଆତ୍ମାଙ୍କ ଅଦ୍ଭୁତ ଶକ୍ତିର ବରଦାନ ଏକ ନିବାରିତ ହୋଇଅଛି, ତଥାପି ମୂଳ ସୂତ୍ରର ପରିବର୍ତ୍ତନ ହୋଇନାହିଁ । କଣ୍ଠସ୍ୱର ଦ୍ୱାରା ଗୀତ ଗାୟତ ଦ୍ୱାରା ଏକ ଆରୋକ ନିଷ୍ଠାପ୍ରାପ୍ତ ହୁଅନ୍ତି । (୧ମ କରନ୍ଥୀ ୧୪:୧୬) ଆମ୍ଭେମାନେ ଯଦି ଏକାଗ୍ରତା ଭାବେ, ଗାଉଥିବା ଗୀତର ଅର୍ଥ ନ ବୁଝି ଗାଇବା ଦ୍ୱାରା ପରମେଶ୍ୱରଙ୍କୁ ତୁଷ୍ଟ କରି ନ ପାରୁ । କିଅବା ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ନିଷ୍ଠା ସାଧ କରି ନ ପାରୁ ।

(୨) ଦ୍ୱିତୀୟରେ : ବିନା ଅର୍ଥରେ ଗୀତ ଗାଇବା ଏକ ବ୍ୟର୍ଥ କର୍ମ । ଗୀତର ଅର୍ଥ ବୁଝି ଗୀତ ଗାଇବା ସଦାପ୍ରଭୁଙ୍କ ତୁଷ୍ଟଜନକ । ଗୀତରେ ବ୍ୟବହୃତ ପଦଗୁଡ଼ିକ ମଣ୍ଡଳୀର ସଭ୍ୟ ସମସ୍ତେ ଜ୍ଞାତ ନ ଥାନ୍ତି । ଦ୍ୱିର୍ତୀ, ମଣ୍ଡଳୀ ଉପାସନାରେ ବ୍ୟବହୃତ ପ୍ରତ୍ୟେକ

ଗୀତ ସତ୍ୟ ବାକ୍ୟାନୁସାରେ ରଚିତ ହୋଇ ନ ଥାଏ । କାରଣ ପ୍ରତ୍ୟେକ ରଚକ ନୂତନ ନିୟମର ମଣ୍ଡଳୀର ସଭ୍ୟ ନୁହନ୍ତି । ଅର୍ଥାତ୍ ଗୀତବହିର ପ୍ରତ୍ୟେକ ଗୀତ ସତ୍ୟବାକ୍ୟାନୁସାରେ ନୁହେଁ । ଅନେକ ଗୀତ ଅସତ୍ୟ ସିଦ୍ଧାନ୍ତ ମୂଳଦୁଆରେ ରଚିତ । ଯଦିଓ ମଣ୍ଡଳୀ ଉପାସନାରେ ଅସତ୍ୟ ସିଦ୍ଧାନ୍ତ ଶିକ୍ଷା ଦିଆଯାଏ ନାହିଁ, ତଥାପି ବେଳେବେଳେ ଅସତ୍ୟ ସିଦ୍ଧାନ୍ତରେ ରଚିତ ଗୀତ ଗାୟନ କରାଯାଏ । ଆମ୍ଭମାନଙ୍କ ଗୀତ ଗାୟନ ବିନା ଯାନ୍ତ୍ରିକ ହେଉ ।

(୩) ତୃତୀୟରେ : ଆମ୍ଭମାନଙ୍କ ଗୀତ ଗାୟନ ସଞ୍ଚଳନ ହେଉ । ଆତ୍ମାରେ ଗୀତ ଗାଇବାର ଅର୍ଥ, ଭାବପୂର୍ଣ୍ଣ ହୋଇପାରିବା । ଭାବପୂର୍ଣ୍ଣ ଭାବେ ତାହାଙ୍କ ସ୍ତୁତିଗାନ କରିବା । ଆମ୍ଭମାନଙ୍କ ଭାବପ୍ରବଣତା ପରମେଶ୍ୱରଙ୍କ ଦତ୍ତ ମାନସିକ ସ୍ଥିତି । ଆମ୍ଭମାନଙ୍କ ଗୀତଗାୟନ ଭାବପ୍ରବଣତା, ଉତ୍ସାହପୂର୍ଣ୍ଣ ହେଉ । ଏହା ଆମ୍ଭମାନଙ୍କ ଜୀବନଶୈଳୀକୁ ପ୍ରଭାବିତ କରୁ ।

ଆମ୍ଭମାନଙ୍କ ଗୀତ ଗାୟନ, ଆମ୍ଭମାନଙ୍କୁ, ଯାହାଙ୍କ ଉଦ୍ଦେଶ୍ୟରେ ଗାଉଅଛୁ, ତାହାଙ୍କ ନିକଟକୁ କଢ଼ାଇ ନେଉ । ଗୀତ ଗାୟନ ଦ୍ୱାରା ଆମ୍ଭମାନଙ୍କ ରାଜାଧିରାଜଙ୍କ ସ୍ତୁତିଗାନ କରୁ । ଆସ, ଆମ୍ଭେ ବୁଦ୍ଧି ଓ ଆତ୍ମା ସହ ତାହାଙ୍କ ସ୍ତୁତି ଗାନ କରୁ, ଉପାସନା କରୁ । ''ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧରର ଫଳ ନିତ୍ୟ ନିସର୍ଗ କରୁ ।'' (ଏବ୍ରୀ ୧୩:୧୫) । ''ହେ ସଦାପ୍ରଭୁ, ମୋହର ଶୈଳ ଓ ମୋହର ମୁକ୍ତିକର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ ମୁଖର ବାକ୍ୟ ଓ ମୋ ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ ।'' (ଗୀତ ୧୯:୧୪)

**- Aaron Cozort**

❋❋❋



# ପରମେଶ୍ୱରଙ୍କ ବ୍ୟବସ୍ଥା
## (God's Law)

ସୀନୟ ପର୍ବତ ଉପରେ ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ବ୍ୟବସ୍ଥା ଦେଇଥିଲେ । ଏହି ବ୍ୟବସ୍ଥା ''ଦଶ ଆଜ୍ଞା'' ରୂପେ ଆମ୍ଭେ ଜାଣୁ । ଯାତ୍ରା ୨୦:୧ ସଦାପ୍ରଭୁ କହନ୍ତି :-

୧) ''....ତୁମ୍ଭର ସେହି ସଦାପ୍ରଭୁ ପରମେଶ୍ୱର ଆମ୍ଭେ, ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।''

୨) ''ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, ...କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ ।''

୩) ''ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ...।''

୪) ''ବିଶ୍ରାମଦିନ ପବିତ୍ର ରୂପେ ପାଳନ କରିବାକୁ ସ୍ମରଣ କର ।''

୫) ''ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର ।''

୬) ''ତୁମ୍ଭେ ନରହତ୍ୟା କରିବ ନାହିଁ ।''

୭) ''ତୁମ୍ଭେ ବ୍ୟଭିଚାର କରିବ ନାହିଁ ।''

୮) ''ତୁମ୍ଭେ ଚୋରୀ କରିବ ନାହିଁ ।''

୯) ''ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।''

୧୦) ''...ତୁମ୍ଭେ କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।''

୩୫୦୦ ବର୍ଷ ପୂର୍ବେ ସଦାପ୍ରଭୁ ମୋଶାଙ୍କୁ ଇଶ୍ରାଏଲ ନିମନ୍ତେ ଦେଇଥିଲେ। ଯଦିଓ ଆମ୍ଭେମାନେ ଏହି ବ୍ୟବସ୍ଥାଧିନ ନୋହୁଁ, ଏକ ଆଜ୍ଞା ବ୍ୟତୀତ ଅନ୍ୟ ସମସ୍ତ ନୂତନ ନିୟମରେ ଦତ୍ତ ହୋଇଅଛି ।

ପରମେଶ୍ୱରଙ୍କ ମନୋନୀତ ଲୋକମାନେ କେବଳ ତାହାଙ୍କୁ ସେବା କରିବା ନିମନ୍ତେ ଆଜ୍ଞାପିତ ହୋଇଅଛନ୍ତି । ତାହାଙ୍କୁ ଆମ୍ଭେମାନେ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଉ । ''...ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ ।'' (ମାଥିଉ ୪:୧୦)

(୨) ପରମଶ୍ୱେରଙ୍କ ପ୍ରିୟ ପାତ୍ରମାନେ ପ୍ରତିମା ପୂଜା କରନ୍ତି ନାହିଁ । ପ୍ରତିମା ପୂଜାରୁ ବିମୁଖ ହୋଇ ସତ୍ୟ ପରମେଶ୍ୱରଙ୍କ ନିକଟକୁ ଫେରି ଆସିଥିବା ଥେସଲନୀକୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ପ୍ରଶଂସା କରିଥିଲେ । ‘‘...ଆଉ କିପରି ତୁମ୍ଭେମାନେ ପ୍ରତିମା ସବୁ ପରିତ୍ୟାଗ କରି ଜୀବିତ ଓ ସତ୍ୟ ଈଶ୍ୱରଙ୍କ ସେବା କରିବା ନିମନ୍ତେ...ଈଶ୍ୱରଙ୍କ ପ୍ରତି ଫେରିଲ ।’’ (୧ମ ଥେସ ୧:୯) । ପ୍ରତିମାକୁ Dictionaryରେ ଅର୍ଥ ‘‘ଏକ ଚିତ୍ର ଯାହାକୁ ଈଶ୍ୱର ରୂପେ ପୂଜା କରାଯାଏ ।’’ ପ୍ରତିମା ପୂଜା କିପରି ଭାବେ ବିସ୍ତୁରିତ ହୋଇଥାଏ, ଇତିହାସ ସାକ୍ଷ୍ୟ ଦିଏ । ମିଥ୍ୟା ଦେବତାଗଣର ପୂଜା ନ କରି ସତ୍ୟ ପରମେଶ୍ୱରଙ୍କ ପୂଜା ଆରାଧନା କରୁ ।

(୩) ପରମେଶ୍ୱରଙ୍କ ପ୍ରିୟ ପାତାମାନେ ତାହାଙ୍କ ନାମ ବୃଥାରେ ଉଚ୍ଚାରଣ ନ କରୁ । ଏହା ମନୁଷ୍ୟମାନଙ୍କ ନିମନ୍ତେ କଷ୍ଟକର ବିଷୟ । ଅନେକେ ପରମେଶ୍ୱରଙ୍କ ନାମରେ ଶପଥ ନିଅନ୍ତି । ଅନ୍ୟମାନଙ୍କୁ ଅଭିଶାପ ଦିଅନ୍ତି । ‘‘ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ, ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।’’ (ଏବ୍ରୀ ୧୨:୨୮) ତାହାଙ୍କ ନାମ ବ୍ୟର୍ଥରେ ଉଚ୍ଚାରଣ କରିବା ଦ୍ୱାରା ତାହାଙ୍କୁ ଅସମ୍ମାନିତ କରିଥାଉ ।

(୪) ପୁରାତନ ବ୍ୟବସ୍ଥାଧୀନ ଈଶ୍ରାଏଲ ସନ୍ତାନମାନେ, ବିଶ୍ରାମ ଦିନ ରୂପେ ପାଳନ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ସପ୍ତାହର ସପ୍ତମ ଦିନ ବିଶ୍ରାମ ଦିନ ପରମେଶ୍ୱରଙ୍କ ନିମନ୍ତେ ପବିତ୍ର ରୂପେ ପାଳନ କରାଯାଉଥିଲା । ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତରେ ଜନ୍ମ ଗ୍ରହଣ କରି ମୃତ୍ୟୁଞ୍ଜୟୀ ହେବା ପରେ, ଏହି ବ୍ୟବସ୍ଥାର ପରିବର୍ତ୍ତନ ହୋଇଅଛି । ‘‘ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ...’’ (ପ୍ରେରିତ ୨୦:୭) । ସପ୍ତାହର ପ୍ରଥମ ଦିନରେ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ ଦେବା ନିମନ୍ତେ ଆଜ୍ଞାପିତ ହୋଇ ଅଛନ୍ତି । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖିଥିଲେ, ‘‘ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ସଞ୍ଚୟ କରି ରଖ ।’’ (୧ମ କରିନ୍ଥୀ ୧୬:୨) । ଏହି ପଦ ଦ୍ୱାରା ଉପାସନାର ଦିବସ ପରିବର୍ତ୍ତିତ ହୋଇଅଛି ବୋଲି ସୁସ୍ପଷ୍ଟ ହୁଏ ।

(୫) ପୁରାତନ ବ୍ରବସ୍ଥା ସମୟରେ ଈଶ୍ରାଏଲ ସନ୍ତାନମାନେ, ପିତାମାତାଙ୍କୁ ସମ୍ମାନ ଦେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ଯୀଶୁ ମଧ୍ୟ ଆମ୍ଭମାନଙ୍କୁ ପିତାମାତାଙ୍କୁ ସମ୍ମାନ କରିବା ନିମନ୍ତେ ଆଦେଶ ଦିଅନ୍ତି, ‘‘ପିତାମାତାଙ୍କୁ ସମାଦର କର...।’’ (ମାଥିଉ ୧୯:୧୯)

(୬) ପୁରାତନ ବ୍ୟବସ୍ଥାରେ ଈଶ୍ରାଏଲ ସନ୍ତାନମାନେ ନରହତ୍ୟା ନ କରିବାକୁ ଆଜ୍ଞାପିତ ହୋଇଥିଲେ । ନୂତନ ନିୟମରେ ପ୍ରେରିତ ‘‘ଯେ ଆପଣା ଭାଇକୁ ଘୃଣା କରେ, ସେ ନରଘାତକ, ଆଉ ନରଘାତକ ଠାରୁ ଯେ ଅନନ୍ତଜୀବନ ନଥାଏ, ଏହା ତୁମ୍ଭେମାନେ ଜାଣ ।’’ (୧ମ ଯୋହନ ୩:୧୫)

(୭) ପୁରାତନ ବ୍ୟବସ୍ଥାଧିନ ଈଶ୍ରାଏଲ ସନ୍ତାନମାନେ ‘‘ବ୍ୟଭିଚାର କର ନାହିଁ’’ ବୋଲି ଆଜ୍ଞାପିତ ହୋଇଥିଲେ । ନୂତନ ନିୟମରେ ଶାରୀରିକ ପାପମୟ କାର୍ଯ୍ୟ ମଧ୍ୟରେ ବ୍ୟଭିଚାର ପ୍ରଥମେ ଉଲ୍ଲେଖ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।’’ (ଗାଲାତୀ ୫:୨୧)

(୮) ପୁରାତନ ବ୍ୟବସ୍ଥା ଈଶ୍ରାଏଲ ସନ୍ତାନମାନେ ‘ଚୋରି କରିବ ନାହିଁ’ ବୋଲି ଆଜ୍ଞାପିତ ହୋଇଥିଲେ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, ‘‘ଚୋର ଆଉ ଚୋରି ନ କରୁ,... ।’’ (୪:୨୮)

(୯) ପୁରାତନ ବ୍ୟବସ୍ଥାରେ ଈଶ୍ରାଏଲ ସନ୍ତାନମାନେ, ‘‘...ତୁମ୍ଭେମାନେ ମିଥ୍ୟାସାକ୍ଷୀ ଦେବ ନାହିଁ ।’’ ନୂତନ ନିୟମରେ ରୋମୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ମିଥ୍ୟାସାକ୍ଷୀ ନ ହେବା ନିମନ୍ତେ ଆଜ୍ଞା ଦିଅନ୍ତି ।’’ (ରୋମୀୟ ୧୩:୯)

(୧୦) ପୁରାତନ ବ୍ୟବସ୍ଥା ଲୋଭ ନ କରିବା ନିମନ୍ତେ ଆଜ୍ଞା ଦିଏ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, ‘‘...ଧନଲୋଭୀ...ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବ ନାହିଁ ।’’ (୧ମ କରିନ୍ଥୀ ୬:୧୦)

ପୁରାତନ କାଳରେ ପୁରାତନ ଈଶ୍ରାଏଲ ସନ୍ତାନମାନଙ୍କୁ ଦିଆଯାଇଥିଲା, ଆମ୍ଭେମାନେ ସେହି ବ୍ୟବସ୍ଥାଧିନ ନୋହୁଁ ବୋଲି ଅନେକ ମନେ କରନ୍ତି । ପୁରାତନ ବ୍ୟବସ୍ଥା ଲୋପ ପାଇଅଛି, ତଥାପି ଏହି ୯ଟି ଆଜ୍ଞା ନୂତନ ନିୟମରେ ସଂଯୁକ୍ତ କରାଯାଇଅଛି । ପରମେଶ୍ୱରଙ୍କ ବ୍ରବସ୍ଥା ପାଳନ କରିବା ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପାଇପାରିବା ।

**- Royce Pdndergrass**

❋❋❋

**Edited & Published by : Kabita & Joshua Gootam**